ସୁରେନ୍ ସିଂହ (ମୃତ) ତାଙ୍କର ଆଇନୁକ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏବଂ ଅନ୍ୟମାନେ

ବନାମ

ମେହେଙ୍ଗା (ମୃତ) ତାଙ୍କର ଆଇନୁକ ଉତ୍ତରାଧିକାରୀମାନଙ୍କ ଦ୍ୱାରା

ଫେବୃଆରୀ 1,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908/ସମ୍ପତ୍ତି ହସ୍ତାନ୍ତର ଅଧିନିୟମ 1872:*

*ମକଦ୍ଦମା — ଏହା ଜାଲିଆତି, ମିଥ୍ୟା ବିବରଣୀ ଏବଂ ବିନା ମୂଲ୍ୟରେ ପ୍ରାପ୍ତ ହୋଇଥିଲା ବୋଲି ଦାବି — ବିଚାରଣ ଅଦାଲତ ମକଦ୍ଦମାକୁ ଖାରଜ କରିଥିଲେ — ଅପିଲୀୟ ଅଦାଲତ ସେହି ନିଷ୍କର୍ଷକୁ ପାଲଟାଇଥିଲା — ଉଚ୍ଚ ନ୍ୟାୟାଳୟ ପ୍ରମାଣଗୁଡ଼ିକୁ ବିଚାର କରି ଅପିଲୀୟ ଅଦାଲତର ଡିକ୍ରିକୁ ପାଲଟାଇ ବିଚାରଣ ଅଦାଲତର ଡିକ୍ରିକୁ ନିଶ୍ଚିତ କରିଥିଲେ — ରାୟ ଦେଲେ: ବିଚାରଣ ଅଦାଲତ ଓ ଅପିଲୀୟ ଅଦାଲତ ଦ୍ୱାରା ପ୍ରକାଶିତ ବିଭିନ୍ନ ମତାମତକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନ ଉପରେ ବିଚାର କରି ଏକ ନିଷ୍କର୍ଷ ଲିପିବଦ୍ଧ କରିବାକୁ ବାଧ ହୋଇଥିଲା । ପ୍ରଥମ ଅପିଲୀୟ ଅଦାଲତ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ସମ୍ପର୍କିତ ପରିସ୍ଥିତିଗୁଡ଼ିକୁ ବିଚାର କରାଯାଇନଥିଲା — ତେଣୁ ଉଚ୍ଚ ନ୍ୟାୟାଳୟ ସେହି ବିଚାର କାର୍ଯ୍ୟ ସଠିକ୍ ଭାବରେ କରିଥିଲେ — ଏହା ତଥ୍ୟ ଭିତ୍ତିକ ନିଷ୍କର୍ଷ ହେଉଥିବାରୁ ଆଗକୁ ଆଉ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2195 /1977

R.S.A. ସଂଖ୍ୟା 878 of 1964 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 27.9.76 ତାରିଖର ରାୟ ଏବଂ ଆଦେଶରୁ ।

ଏସ୍. କେ. ଗମ୍ଭୀର ଆବେଦନକାରୀଙ୍କ ପାଇଁ ।

କେ. କେ. ମୋହନ ଉତ୍ତରଦାତାମାନଙ୍କ ପାଇଁ

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସୁରେନ୍ ସିଂହ ବନାମ ମେହେଙ୍ଗା

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 27 ସେପ୍ଟେମ୍ବର, 1976 ତାରିଖର ରାୟ R.S.A. ସଂଖ୍ୟା 878 /1964 ରୁ ଉତ୍ପନ୍ନ ହୋଇଛି । 29 ସେପ୍ଟେମ୍ବର, 1959 ରେ ସମ୍ପାଦିତ ଏବଂ ପଞ୍ଜୀକୃତ ବିକ୍ରୟ ଦଲିଲ ବିନା ମୂଲ୍ୟରେ (Ex. P- 1) ହୋଇଥିବାର ପ୍ରମାଣ ପାଇ ଉଚ୍ଚ ନ୍ୟାୟାଳୟ ଆବେଦନକାରୀ/ବାଦୀଙ୍କ ମାମଲାଟି ଖାରଜ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଓକିଲ ଶ୍ରୀ ଏସ.କେ. ଗମ୍ଭୀର ଯୁକ୍ତି ଦର୍ଶାଇଥିଲେ ଯେ ମୂଲ୍ୟ ଗ୍ରହଣ କରାଯାଇଛି କି ନାହିଁ ତାହା ଏକ ସମ୍ପୂର୍ଣ୍ଣ ତଥ୍ୟର ପ୍ରଶ୍ନ । ଅପିଲୀୟ ଅଦାଲତ ତଥ୍ୟ ଅଦାଲତ ଭାବେ ସେହି ପ୍ରସଙ୍ଗକୁ ବିଚାର କରି ଏକ ନିଷ୍କର୍ଷ ଦେଇଥିବା ପରେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ସେହି ନିଷ୍କର୍ଷକୁ ପଲଟାଇବା ବେଆଇନ । ଏହା ନିର୍ବିବାଦ ଯେ, ଏହି ମକଦ୍ଦମାରେ ଉତ୍ତରଦାତାମାନେ ଏହି ଦାବି କରିଥିଲେ ଯେ ବିକ୍ରୟ ଦଲିଲଟି ଜାଲିଆତି, ମିଥ୍ୟା ବିବରଣୀ ଏବଂ ବିନା ଅର୍ଥ ପ୍ରଦାନରେ ହାସଲ କରାଯାଇଥିଲା । ବିଚାରଣ ଅଦାଲତ ଏହି ମକଦ୍ଦମାକୁ ଖାରଜ କରିଦେଲେ । କିନ୍ତୁ ଆବେଦନ ଉପରେ, ଅପିଲୀୟ ଅଦାଲତ ଏହି ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ରାୟ ଦେଇଥିଲେ ଯେ ଠକେଇ କିମ୍ବା ମିଥ୍ୟା ବିବରଣୀ ପ୍ରଦାନ ପ୍ରମାଣିତ ହୋଇନାହିଁ । ବିକ୍ରି ଦଲିଲ ଅଧୀନରେ ପର୍ଯ୍ୟାପ୍ତ ମୂଲ୍ୟ ଗ୍ରହଣ କରାଯାଇଥିଲା । ତେଣୁ ଏହା ଏକ ବୈଧ ବିକ୍ରି ଦଲିଲ ଅଟେ । ଉଚ୍ଚ ନ୍ୟାୟାଳୟ ପ୍ରମାଣକୁ ବିଚାର କରିବା ପରେ ଶେଷରେ ଏକ ଫଳାଫଳ ଲିପିବଦ୍ଧ କରିଥିଲେ ଯେ ଆବେଦନକାରୀମାନେ ଅର୍ଥ ପ୍ରଦାନ କରିଥିବା ନେଇ କୌଣସି ପ୍ରମାଣ ନାହିଁ । ଏହି ପ୍ରସଙ୍ଗରେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀ ନିଜେ ରଖିଥିବା ହିସାବପତ୍ରଗୁଡ଼ିକୁ ଯାଞ୍ଚ କରିଛି ଏବଂ ଏପରି ଭାବେ ଉଲ୍ଲେଖ କରିଛି:

> "ବାହୀଙ୍କ ଆକାଉଣ୍ଟ ଏବଂ ବଣ୍ଡ ଆଧାରରେ ଆବେଦନକାରୀ/ଉତ୍ତରଦାତାମାନଙ୍କଠାରୁ 2350 ଟଙ୍କା ପାଇବାକୁ ଥିବା ଦର୍ଶାଇବା ପାଇଁ ଉତ୍ତରଦାତା/ଆବେଦକଙ୍କ ଦ୍ୱାରା କୌଣସି ପ୍ରମାଣ ଦିଆଯାଇନାହିଁ ।"ଉତ୍ତରଦାତାମାନଙ୍କ ଦ୍ୱାରା ଏହା ମଧ୍ୟ ପ୍ରମାଣିତ ହୋଇନାହିଁ ଯେ ସେମାନେ ଆବେଦନକାରୀଙ୍କୁ 1650 ଟଙ୍କା ଦେଇଥିଲେ ।"

ଉକ୍ତ ନିଷ୍କର୍ଷ ଆଧାରରେ, ଉଚ୍ଚ ନ୍ୟାୟାଳୟ ଅପିଲୀୟ ଅଦାଲତର ଡିକ୍ରିକୁ ପାଲଟାଇଛନ୍ତି ଏବଂ ଭିନ୍ନ କାରଣ ପାଇଁ, ବିଚାରଣ ଅଦାଲତର ଡିକ୍ରିକୁ ନିଶ୍ଚିତ କରିଛନ୍ତି । ସାଧାରଣତଃ ଉଚ୍ଚ ନ୍ୟାୟାଳୟ ଅପିଲୀୟ ଅଦାଲତ ଦ୍ୱାରା ଲିପିବଦ୍ଧ କରାଯାଇଥିବା ନିଷ୍କର୍ଷରେ ହସ୍ତକ୍ଷେପ କରିନଥାନ୍ତା, କିନ୍ତୁ ବିଚାରଣ ଅଦାଲତ ଓ ଅପିଲିୟ ଅଦାଲତଙ୍କ ମଧ୍ୟରେ ଥିବା ବିଭିନ୍ନ ମତାମତକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ସେହି ପ୍ରଶ୍ନକୁ ପୁନଃ ବିଚାର କରି ଏକ ନିଷ୍କର୍ଷ ଲିପିବଦ୍ଧ କରିଥିଲା । ପ୍ରଥମ ଅପିଲୀୟ ଅଦାଲତ ଦ୍ୱାରା

ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏବଂ ସମ୍ପର୍କିତ ପରିସ୍ଥିତିଗୁଡ଼ିକୁ ବିଚାର କରାଯାଇନଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ଏହି କାର୍ଯ୍ୟ କରିଥିଲେ । ଏହା ତଥ୍ୟ ଭିତ୍ତିକ ଏକ ନିଷ୍କର୍ଷ ହେଉଥିବାରୁ, ଆମେ ଏହାକୁ ଆଗକୁ ଆମ ଦ୍ୱାରା ଅଧିକ ହସ୍ତକ୍ଷେପ କରିବାକୁ ଉପଯୁକ୍ତ ମାମଲା ବୋଲି ବିବେଚନା କରୁନାହୁଁ ।

ତେଣୁ ଏହି ଆବେଦନ ଖାରଜ ହୋଇଛି । କିନ୍ତୁ ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି. ଏନ୍.

ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।